# Akashvani, Sambalpur

## SAMBALPURI NEWS EVENING BULLETIN

## 6 September 2024- 7.02 pm- 7.12 pm.

**********************************************

୧- ଶିକ୍ଷକ୍‌ମାନେ ମାତୃଭାଷାଥି ଶିକ୍ଷାଦାନ୍ ଉପ୍‌ରେ ଜୋର୍ ଦେବାର୍‌କେ ପ୍ରଧାନ୍‌ମନ୍ତ୍ରୀ ଦେଲେ ପରାମର୍ଶ ।

୨- ପ୍ରଧାନ୍‌ମନ୍ତ୍ରୀ ଗତିଶକ୍ତି କାର୍ଯ୍ୟକ୍ରମ୍ ଅଧୀନ୍‌ଥି ଓଡ଼ିଶାର୍ ୨ ଟା ସହେତେ ଦେଶର୍ ୧୮ ଟା ରୋଡ଼୍ ପ୍ରକଳ୍ପ ଥିତିର୍ ହେଲା ସମୀକ୍ଷା ।

୩- ରାଜ୍ୟସଭାର୍ ସାଂସଦ୍ ପଦ୍‌ନୁ ଇସ୍ତଫା ଦେଲେ ସୁଜିତ୍ କୁମାର୍ ।

୪- ମହାନ୍ କୃଷିଭିତିକ ପର୍ବ ନୂଆଖାଇ ମାନ୍‌ବାର୍ ଲାଗି ପଶ୍ଚିମ ଓଡ଼ିଶା ନ ଚାଲିଛେ ଜୋର୍‌ଦାର୍ ପ୍ରସ୍ତୁତି ।

ଆଉର୍

୫- ଲଘୁଚାପ୍‌ର ପ୍ରଭାବ୍‌ଥି ରାଏଜେ ଆଏଜ୍‌ନୁ ବର୍ଷା ବଢ଼୍‌ବା ବଲି ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ।

## ପ୍ରଧାନମନ୍ତ୍ରୀ- ଶିକ୍ଷକ୍ ଆଲୋଚନା ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ଶିକ୍ଷକ ପୁରସ୍କାର ପାଇଥିବା ଶିକ୍ଷକ୍‌ମାନ୍‌କର୍ ସଙ୍ଗେ ନୂଆଦିଲ୍ଲୀର୍ ତାଙ୍କର୍ ବାସଭବନ୍ ନ ଆଏଜ୍ ସଖାଲ୍‌ବେଲା କଥାବାର୍ତା କରିଛନ୍ । ଇ ସମିଆଥି ଶିକ୍ଷକ୍‌ମାନେ ସେମାନ୍‌କର୍ ଶିକ୍ଷକତା ଅଭିଜ୍ଞତା ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀଙ୍କୁ ଜନେଇଥିଲେ । ଶିକ୍ଷକ୍‌ମାନେ ପାଠ୍ ପଢ଼ାବାର୍ ସହେତେ କେନ୍ତା ସାମାଜିକ୍ କାମ୍ କରିହେବା, ସେ ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀଙ୍କୁ କହିଥିଲେ । ଆଲୋଚନା ସମିଆଥି ପ୍ରଧାନ୍‌ମନ୍ତ୍ରୀ ଜାତୀୟ ଶିକ୍ଷାନୀତି ଉପ୍‌ରେ ଗୁରୁତ୍ୱ ଦେବାର୍ ସହେତେ ମାତୃଭାଷାଥି ଶିକ୍ଷାଦାନ୍ ଉପ୍‌ରେ ଜୋର୍ ଦେଇଥିଲେ । ପ୍ରଧାନ୍‌ମନ୍ତ୍ରୀ ଶିକ୍ଷକ୍‌ମାନ୍‌କୁ କହିଥିଲେ ଯେ, ପାଠ୍‌ପଢ଼ାବାର୍ ସହେତେ ଶିକ୍ଷାର୍ଥୀମାନ୍‌କୁ ଦେଶର୍ ଭିନ୍ ଭିନ୍ ଜାଗାକେ ଷ୍ଟଡ଼ି ଟୁର୍‌ଥି ନେଇପାର୍‌ବେ । ଇଟା ହେଲେ ଶିକ୍ଷାର୍ଥୀମାନେ ଦେଶର୍ କଳା, ସଂସ୍କୃତି ଆଉ ବିବିଧତା ବାବ୍‌ଦେ ଜାନିପାର୍‌ବେ । ଇତାର୍‌ସହେତେ ପ୍ରଧାନ୍‌ମନ୍ତ୍ରୀ ଶିକ୍ଷକ୍‌ମାନ୍‌କୁ ନିଜର୍ ନିଜର୍ ଭିତ୍‌ରେ ସାମାଜିକ୍ ଗଣମାଧ୍ୟମ୍‌ଥି ଜୁଡ଼ି ହେଇକରି ଅଭିଜ୍ଞତା ବାଂଟ୍‌ବାର୍ ଲାଗି ପରାମର୍ଶ ଦେଇଛନ୍ ।

## ନେଟ୍‌ୱାର୍କ ପ୍ଲାନିଂ ଗ୍ରୁପ୍- ବୈଠକ୍ ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ଗତିଶକ୍ତି କାର୍ଯ୍ୟକ୍ରମ୍ ଅଧୀନ୍ ନେଟ୍‌ୱାର୍କ ପ୍ଲାନିଂ ଗ୍ରୁପ୍‌ର ୭୮ ନମ୍ବର୍ ବୈଠକ୍ ଆଏଜ୍ ହେଇଯାଇଛେ । ଇ ବୈଠକ୍‌ଥି ଓଡ଼ିଶାର୍ ପ୍ରସ୍ତାବିତ ୨ ଟା ସଡ଼କ୍ ଭିତିଭୂମି ପ୍ରକଳ୍ପ ସହେତେ ଭିନ୍ ଭିନ୍ ରାଜ୍ୟର୍ ୧୮ ଟା ପ୍ରକଳ୍ପର ଥିତି ସମୀକ୍ଷା କରାଯାଇଛେ । ଶିଳ୍ପ ଆଉ ଆଭ୍ୟନ୍ତରିଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ୍‌ର ଅତିରିକ୍ତ ସଚିବ ରାଜୀବ୍ ସିଂ ଠାକୁର୍ ବୈଠକ୍‌ଥି ଅଧ୍ୟକ୍ଷତା କରିଥିଲେ । ଓଡ଼ିଶାର୍ ୩୫ ଦଶ୍‌ମିକ୍ ୩/୮ କିଲୋମିଟର୍ ଲମ୍ବାର ସମ୍ବଲ୍‌ପୁର୍ ରିଂରୋଡ଼୍ ଥିତିର ସମୀକ୍ଷା ହେଇଛେ । ଇ ୪ ଲେନ୍‌ର ସଡ଼କ୍ ପ୍ରକଳ୍ପ ହେଲେ ରୋଡ଼ ନ ଭିଡ଼୍ କମ୍‌ବାର୍ ସହେତେ ଇ ଇଲାକାର୍ ଶିଳ୍ପ କ୍ଷେତ୍ରଥି ଅଭିବୃଦ୍ଧି ହେବା । ସେନ୍ତା ୮୬ ଦଶ୍‌ମିକ୍ ୭/୯ କିଲୋମିଟର୍ ଲମ୍ବା ୪ ଲେନ୍‌ର କଟକ୍- ପାରାଦ୍ୱୀପ୍ ରାଜପଥ୍ ପ୍ରକଳ୍ପର ଥିତି ସମୀକ୍ଷା କରାଯାଇଛେ । ଇ ପ୍ରକଳ୍ପ ହେଲେ ପାରାଦ୍ୱୀପ୍ ବନ୍ଦର୍‌କେ ଯା’ଆସ୍ ସହଜ୍ ହେବାର୍ ସହେତେ ଅଥନୈତିକ୍ ସଂଯୋଗ ବଢ଼୍‌ବା ।

ବିଧାନ୍‌ସଭା ଆର୍‌ଏନ୍‌ୟୁ/ କଟକ୍

ବିଧାନ୍‌ସଭା ନ ଆଏଜ୍ ଭିନ୍ ଭିନ୍ ପ୍ରସଙ୍ଗ ନେଇକରି ବିରୋଧୀମାନ୍‌କର୍ କିର୍ଲାଗଗା ଲାଗି ବାଚସ୍ପତି ସୁରମା ପାଢ଼ୀ ଗୃହକେ ଆଏଜ୍ ଉପର୍‌ବେଲାର୍ ୪ ବଜେତକ୍ ମୁଲ୍‌ତବୀ ଘୋଷ୍‌ନା କରିଥିଲେ । ଆଏଜ୍ ଅଧିବେଶନ୍ ମୁଲ୍

ହେବାର୍ ଖୃନ୍ ବିଧାୟକ୍ ବ୍ୟୋମକେଶ୍ ରାୟଙ୍କର୍ ନାଁଥି ହେଇଥିବା ମାମ୍ଲା ପ୍ରତ୍ୟହାର୍ ଦାବି କରିକରି ବିଜେଡ଼ି ବିଧାୟକ୍‌ମାନେ ଜବର୍ କିର୍ଲାଗଗା କରିଥିଲେ । ଶୂନ୍ୟକାଳଥି ବିରୋଧୀ ବିଧାୟକ୍‌ମାନେ ଗୃହର୍ ମଝିକେ ଆସିକରି ସ୍ଲୋଗାନ୍ ଦେଇଥିଲେ । ସେଥିର୍‌ଲାଗି ବାଚସ୍ପତି ଗୃହକେ ବାର୍‌ବାର୍ ମୁଲ୍‌ତବୀ ରଖିଥିଲେ ।

ଏମ୍‌ଏସ୍‌ଏମ୍‌ଇ ପାର୍କ ପ୍ରତିଷ୍ଠା-ବିଧାନ୍‌ସଭା

ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଅଏତ୍‌କା ଏମ୍‌ଏସ୍‌ଏମ୍‌ଇ ପାର୍କ ପ୍ରତିଷ୍ଠା କର୍‌ବାର୍‌କେ ସର୍‌କାର୍ ପଦକ୍ଷେପ୍ ନଉଛନ୍ ବଲି ଶିଳ୍ପମନ୍ତ୍ରୀ ସମ୍ପଦ୍ କୁମାର୍ ସ୍ୱାଇଁ କହିଛନ୍ । ବିଧାନ୍‌ସଭା ନ ଆଏଜ୍ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ଶ୍ରୀ ସ୍ୱାଇଁ କହିଛନ୍ ଯେ, ଏମ୍‌ଏସ୍‌ଏମ୍‌ଇ ୟୁନିଟ୍ ବଢ଼୍‌ଲେ ରାଏଜେ ନିଯୁକ୍ତି ସୁଯୋଗ୍ ବଢ଼୍‌ବା । ରାଜ୍ୟ ସର୍‌କାର୍ ଶିକ୍ଷିତ୍ ଯନ୍ତ୍ରୀମାନ୍‌କୁ ଆତ୍ମନିର୍ଭରଶୀଳ କର୍‌ବାର୍ ଲାଗି ପଦକ୍ଷେପ୍ ନଉଛନ୍ । ଇତାର୍‌ସହେତେ ଯୁଆନ୍ ପିଲା ଟୁକେଲ୍‌ମାନ୍‌କୁ ଅଏତ୍‌କା ରୋଜ୍‌ଗାର୍‌କ୍ଷମ ହେବାର୍ ଉପ୍‌ରେ ଜୋର୍ ଦିଆଯାଉଛେ । ସୁଦକ୍ଷା ଯୋଜ୍‌ନାଥି ଛାତ୍ରୀମାନ୍‌କର୍ ଶିକ୍ଷା ଆଉ ବୈଷୟିକ ତାଲିମ୍ ବ୍ୟବସ୍ଥା କରାଯାଇଛେ । ଇତାର୍‌ସହେତେ ସେମାନ୍‌କୁ ହଷ୍ଟେଲ୍‌ଥି

ରଖିକରି ବୃତି ଭିଲ୍ ଦିଆଯାଉଛେ ବଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ ।

ଷ୍ଟାଡ଼ିୟମ୍ ନିର୍ମାଣ୍ -କ୍ରୀଡ଼ାମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ୨ ଶହ ୭୪ ଟା ବ୍ଲକ୍‌ଥି ଷ୍ଟାଡ଼ିୟମ୍ ନିର୍ମାଣ୍ କାମ୍ ଶେଷ୍ ହେଇଛେ ବଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ବିଧାନ୍‌ସଭାଥି ବିଧାୟକ୍ ଚକ୍ରମଣି କହଁର୍‌ଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ମନ୍ତ୍ରୀ କହିଛନ୍ ଯେ, ୩୦ ଟା ଷ୍ଟାଡ଼ିୟମ୍ ନ କାମ୍ ଚାଲିଛେ । ସେନ୍ତା ଆଉ ୧୦ ଟା ବ୍ଲକ୍‌ଥି କାମ୍ ମୁଲ୍ ନାଇଁ ହେଇ । ୯୨ ଟା ବ୍ଲକ୍‌ସ୍ତରୀୟ ଓପନ୍ ଜିମ୍ ଭିତ୍‌ରୁ ୬୨ ଟା କାମ୍ ଶେଷ୍ ହେଇଛେ ବଲି କ୍ରୀଡ଼ାମନ୍ତ୍ରୀ କହିଛନ୍ ।

ସ୍କିଲ୍ ଇନ୍ ଓଡ଼ିଶାର୍ ପ୍ରତିଯୋଗୀ-ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସ୍କିଲ୍ ଇନ୍ ଓଡ଼ିଶାର୍ ପ୍ରତିଯୋଗୀମାନ୍‌କର୍ ସାଙ୍ଗେ କଥାବାର୍ତା କରିଛନ୍ । ମୁଖ୍ୟମନ୍ତ୍ରୀ ଭର୍ଚୁ୍ୟଆଲ୍ ଜରିଏ ବିଶ୍ୱ ଦକ୍ଷତା ପ୍ରତିଯୋଗିତାଥି ଭାଗ୍ ନେବାର୍‌କେ ଥିବାର୍ ରାଜ୍ୟର୍ ୧୫ ଝନ୍ ଯୁବ ପ୍ରତିଯୋଗୀଙ୍କର୍ ସାଙ୍ଗେ କଥାବାର୍ତା ହେଇଥିଲେ । ଇ

ପ୍ରତିଯୋଗୀମାନେ ଫ୍ରାନ୍ସର ଲିଓନ୍ ସହର୍‌ଥି ହେବାର୍‌କେ ଥିବାର୍ ବିଶ୍ୱ ଦକ୍ଷତା ପ୍ରତିଯୋଗିତାଥି ଭାଗ୍ ନେବେ ।

ବିଜେଡ଼ି ସାଂସଦ୍ ସୁଜିତ୍ କୁମାର୍ ଇସ୍ତଫା  ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟସଭା ସଦସ୍ୟ ପଦ୍‌ନୁ ବିଜେଡ଼ି ସାଂସଦ୍ ସୁଜିତ୍ କୁମାର୍ ଆଏଜ୍ ଇସ୍ତଫା ଦେଇଛନ୍ । ସେ ତାଙ୍କର୍ ଇସ୍ତଫା ପତ୍ର ରାଜ୍ୟସଭା ଅଧ୍ୟକ୍ଷଙ୍କର୍ ପାଖ୍‌କେ ଭିଲ୍ ପଠେଇଛନ୍ । ଇତାର୍‌ଉତ୍‌ରୁ ଶ୍ରୀ କୁମାର୍ ବିଜେପିଥି ଯୋଗ୍ ଦେଇଛନ୍ । ୨୦୨୦ ମସିହାଥି ସେ ବିଜେଡ଼ି ତର୍‌ଫୁ ରାଜ୍ୟସଭାକେ ସାଂସଦ୍ ଭାବେ ନିର୍ବାଚିତ୍ ହେଇଥିଲେ । ଆଏବା ୨୦୨୬ ମସିହାଥି ତାଙ୍କର୍ କାର୍ଯ୍ୟକାଳ ଶେଷ୍ ହେଉଥିଲା । ସେଆଡ଼େ ବିଜେଡ଼ି ସଭାପତି ନବୀନ୍ ପଟ୍ଟନାୟକ୍ ଦଳ ବିରୋଧୀ କାମ୍ ଲାଗି ତାଙ୍କୁ ଦଲ୍‌ନୁ ବହିଷ୍କାର୍ କରାଯାଇଥିବାର୍ ଦଲ୍ ତର୍‌ଫୁ କୁହାଯାଇଛେ ।

ନୂଆଖାଇ       ନୂଆପଡ଼ା/ ସମ୍ବଲପୁର ସମ୍ବାଦଦାତା

ମହାନ୍ କୃଷିଭିତିକ ପର୍ବ ନୂଆଖାଇ ଲାଗି ସାରା ପଶ୍ଚିମ ଓଡ଼ିଶା  ଚଲ୍‌ଚଂଚଲ୍ ହେଇଉଠିଛେ । ନୂଆଖାଇ ବଜାର୍, ହାଟ୍ ଲାଗି ଗାଁ ନୁ ସହର୍‌ତକ୍ ଗହଲ୍‌ଚହଲ୍ ଦେଖିବାର୍‌କେ ମିଳିଛେ ।

ଇତାର୍‌ଛଡ଼ା ରେଲ୍‌ଷ୍ଟେସନ୍, ବସ୍‌ଷ୍ଟେଣ୍ଡ୍ ମାନ୍‌କେ ଭିଲ୍ ଘର୍‌କେ ନୂଆଖାଇ ମନାବାର୍‌କେ ଆସୁଥିବାର୍ ଲୋକ୍‌ମାନ୍‌କର୍ ଭିଡ଼୍ ହେଇଛେ । ସମ୍ବଲ୍‌ପୁର୍‌ର ଅଧିଷ୍ଠାତ୍ରୀ ଦେବୀ ମା ସମଲେଇଙ୍କର୍ ପୀଠ ନ ଭିଲ୍ ନୂଆଖାଇ ଲାଗି ପ୍ରସ୍ତୁତିକେ ଜୋର୍‌ଦାର୍ କରାଯାଇଛେ । ନୂଆଖାଇ ପ୍ରସ୍ତୁତି ବାବ୍‌ଦେ ଆମର୍ ସମ୍ବଲ୍‌ପୁର୍ ସମ୍ବାଦଦାତାଙ୍କର୍ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍-୧- ସମ୍ବଲ୍‌ପୁର୍ ସମ୍ବାଦଦାତା)

ନୂଆପଡ଼ା ଜିଲ୍ଲା ପୁରପଲ୍ଲୀ ନ ନୂଆଖାଇ ଲାଗି ପ୍ରସ୍ତୁତି ଜୋର୍‌ଦାର୍ ହେଇଛେ । ନୂଆ ଧାନ୍ ଆଉ ନୂଆଖାଇ ଲାଗି ଦର୍‌କାର୍ ପଡୁଥିବା ସବୁ ପ୍ରକାର୍ ସାମଗ୍ରୀ ବଜାର୍ ମାନ୍‌କେ ବିକ୍ରି ହେଉଛେ । ଲୁକେ ନୂଆଧାନର୍ ଚୂଡ଼ା, ନୂଆଁ ଧାନ୍ ଖେଡ଼୍, କୁରେଇପତର୍, ମାଟି ହାଁଡ଼ି  ଘିନୁଛନ୍ ।

+୨ ନାଁଲେଖା        ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆଏଜ୍‌ନୁ ଯୁକ୍ତ ୨ ର ଦୁଇ ନମ୍ବର୍ ଖେପ୍ ନାଁଲେଖା ପ୍ରକ୍ରିୟା ମୁଲ୍ ହେଇଛେ । ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ତର୍‌ଫୁ ମିଳିଥିବା ସୂଚ୍‌ନା ଅନ୍‌ସାରେ ଖାଲି ପଡ଼ିଥିବା ସିଟ୍ ମାନ୍‌କେ ନାଁଲେଖା ଚାଲିଛେ । ଛାତ୍ରଛାତ୍ରୀମାନେ ଆଏବା ୧୩ ତାରିଖ୍‌ତକ୍ ଆବେଦନ୍ କରିପାର୍‌ବେ । ଆଏବା ୨୦ ତାରିଖ୍ ଦିନ ପହେଲା ମେରିଟ୍ ଲିଷ୍ଟ ବାହାର୍‌ବାର୍ ସହେତେ

୨୧ ନୁ ୨୪ ତାରିଖ୍ ଭିତ୍‌ରେ ନାଁ ଲେଖା ହେବା । ସେନ୍ତା ଅକ୍ଟୋବର୍ ମାସ ୩ ତାରିଖ୍ ଦିନ ସ୍ପଟ୍ ନାଁଲେଖା ଲାଗି ମେରିଟ୍ ଲିଷ୍ଟ୍ ବାହାର୍‌ବା ।

ଆର୍‌ଡିସି ସମ୍ବଲପୁର/ବର୍‌ଗଡ୍ ସମ୍ବାଦଦାତା

ଉତରାଂଚଲ୍ ରାଜସ୍ୱ କମିଶନର୍ ସଚିନ୍ ରାମଚନ୍ଦ୍ର ଯାଦବ୍ ଆଏଜ୍ ବୁର୍ଲାର୍ ଭିମ୍‌ସାର୍‌କେ ଯାଇକରି ସେନ ଚାଲୁଥିବା ଭିନ୍ ଭିନ୍ ଉନ୍ନୟନ୍‌ମୂଳକ୍ କାମ୍‌ର ସମୀକ୍ଷା କରିଛନ୍ । ଶ୍ରୀ ଯାଦବ୍ ଭିମ୍‌ସାର୍‌ର ସୁପର୍ ସ୍ପେଶାଲିଟି ବିଲ୍ଡିଂ କେଜୁଆଲ୍‌ଟି, ଟ୍ରମା କେୟାର୍ ବିଲ୍‌ଡିଂ ଆଉଟ୍‌ଡୋର୍ କମ୍ପ୍ଲେକ୍ସ ବୁଲ୍‌ବାର୍ ସହେତେ ସେନର୍ ଅଧିକାରୀମାନ୍‌କର୍ ସାଙ୍ଗେ ସମୀକ୍ଷା ବୈଠକ୍ କରିଛନ୍ । ସେନ୍ତା ଶ୍ରୀ ଯାଦବ୍ ଆଏଜ୍ ବର୍‌ଗଡ୍ ଜିଲ୍ଲା ଗସ୍ତ କରିକରି ନିୟନ୍ତ୍ରିତ ବଜାର୍ କମିଟି ପରିସର୍ ନ ତିଆର୍ ହଉଥିବା ଜିଲ୍ଲା ପ୍ରେକ୍ଷାଳୟର୍ ଅଗ୍ରଗତି ବୁଲି କରି ଦେଖିଥିଲେ । ବର୍‌ଗଡ୍ ସହର୍ ନ ଥିବା ମିଶନ୍ ଶକ୍ତି କେଫେକେ ଯାଇକରି ସେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନ୍‌କର୍ ସାଙ୍ଗେ ଆଲୋଚନା କରିଥିଲେ ।

ବୁଝାମଣାପତ୍ର ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ନ ବିମାନ୍ ଚଲାଚଲ୍ କ୍ଷେତ୍ରଥି ଯୁଆନ୍ ପିଢ଼ିକେ ତାଲିମ୍ ଦେବାର୍ ଲାଗି ଏୟାର୍ ଇଣ୍ଡିଆ ଆର୍ ରାଜ୍ୟ ଦକ୍ଷତା ବିକାଶ୍ ନିୟୋଜନ୍ ନିର୍ଦ୍ଦେଶାଳୟ ଭିତ୍ରେ ଗୁଟେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ହାଇଦ୍ରାବାଦ୍ ନ ଇତାର୍ ଜରିଏ ପିଲାମାନ୍‌କୁ ୩୦ ଦିନିଆ ତାଲିମ୍ ଦିଆଯିବା । ଇଥି ସେମାନ୍‌କୁ ବିମାନ୍ ବନ୍ଦର୍ ନ ରେମ୍ପ୍ ପରିଚାଲନା ଆଉ ଗ୍ରାହକ୍ ସେବା ଉପ୍ରେ ତାଲିମ୍ ଦିଆଯିବା । ବିମାନ୍ ଚଲାଚଲ୍ କ୍ଷେତ୍ରଥି ଇଟା ରାଜ୍ୟର୍ ଭାଗିଦାରୀକେ ସୁନିଶ୍ଚିତ୍ କର୍‌ବା ବଲି ଦକ୍ଷତା ବିକାଶ୍ ନିୟୋଜନ୍ ନିର୍ଦ୍ଦେଶାଳୟ ତର୍‌ଫୁ କୁହାଯାଇଛେ ।

ସୁବର୍ଣ୍ଣପୁର୍- ସୁଭଦ୍ରା ଯୋଜ୍‌ନା ସୁବର୍ଣ୍ଣପୁର୍/ ବୌଦ୍ଧ

ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ ସୁଭଦ୍ରା ଯୋଜ୍‌ନାକେ ନେଇକରି ପ୍ରକ୍ରିୟା ମୁଲ୍ ହେଇଛେ ଆଉ ଜିଲ୍ଲା ନ ୨ ଲାଖ୍ ୯ ହଜାର୍ ହିତାଧିକାରୀ ଲାଭ୍ ପାଏବେ ବଲି ଜିଲ୍ଲାପାଲ୍ ଅନ୍ୟା ଦାସ କହିଛନ୍ । ଆଏଜ୍ ଗୁଟେ ସାମ୍ବାଦିକ୍ ସମ୍ମିଲନୀକେ ସେ କହିଛନ୍ ଯେ, ଯୋଜ୍‌ନାର୍ ସଫଲ୍ କାର୍ଯ୍ୟକାରିତା ଲାଗି ଜିଲ୍ଲା ନ ୧ ହଜାର୍ ୫ ଶହ ୪୩ ଝନ୍ ଅଙ୍ଗନବାଡ଼ି କର୍ମୀଙ୍କର୍ ତର୍‌ଫୁ ଆବେଦନ୍ ପତ୍ର ବାଂଟ୍‌ବାର୍ ବ୍ୟବସ୍ଥା କରାଯାଇଛେ ।

ସେନ୍ତା ବୌଦ୍ଧ ଜିଲ୍ଲା ନ ସୁଭଦ୍ରା ଯୋଜ୍ନାଥି ସବୁ ଜାତୀୟ ଖାଦ୍ୟ ସୁରକ୍ଷା ଆଉ ରାଜ୍ୟ ଖାଦ୍ୟ ସୁରକ୍ଷାର୍ ହିତାଧିକାରୀ ମହିଲାମାନେ ଲାଭ୍ ପାଏବେ ବଲି ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା କହିଛନ୍ । ଆଏଜ୍ ଜିଲ୍ଲା ପ୍ରଶାସନ୍ ତର୍ଫୁ ଜିଲ୍ଲାପାଲ୍ଙ୍କର୍ ସମ୍ମିଲନୀ କକ୍ଷ ନ ଜିଲ୍ଲା ନ ସୁଭଦ୍ରା ଯୋଜ୍ନାର୍ ସଫଲ୍ ରୂପାୟନ୍ ନେଇକରି ହେଇଥିବା ସାମ୍ବାଦିକ୍ ସମ୍ମିଲନୀଥି ଜିଲ୍ଲାପାଲ୍ କହିଛନ୍ ଯେ, ଆଏଜ୍ତକ୍ ୧ ଲାଖ୍ ୧୦ ହଜାର୍ ଶହେ ୩୦ ଟା ସୁଭଦ୍ରା ଫର୍ମ ବଂଟନ୍ କରାଯାଇସାରିଛେ ।

ଆଇନ୍ ସଚେତନତା ଶିବିର୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ହର୍ଭଙ୍ଗା ତାଲୁକ୍ ଆଇନ୍ସେବା କମିଟି ତର୍ଫୁ କୋର୍ଟ ପରିସର୍ ନ ଗୁଟେ ଆଇନ୍ ସଚେତନତା ଶିବିର୍ ହେଇଯାଇଛେ । ଶିବିର୍ଥି ହର୍ଭଙ୍ଗା ପ୍ରଥମ ବିଚାର୍ ବିଭାଗୀୟ ମାଜିଷ୍ଟ୍ରେଟ୍ ପ୍ରୀତିଶ୍ କୁମାର୍ ସାମଲ୍ ସାମାଜିକ୍ ଗଣମାଧ୍ୟମ୍ଥି ସାଇବର୍ ଠକେଇନୁ କେନ୍ତା ଆଇନ୍ଗତ ସୁରକ୍ଷା ମିଲ୍ବା ସେ ବାବ୍ଦେ ଆଲୋଚନା କରିଥିଲେ ।

ଓଡ଼ିଆ ଭାଷା ସମ୍ମିଲନୀ ଖର୍ଚ୍ଚା-ବିଧାନ୍ସଭା ଆର୍ଏନ୍ୟୁ/ କଟକ୍

ଭୁବ୍‌ନେଶ୍ୱର୍ ନ ଗଲା ଫେବୃଆରୀ ମାସେ ହେଇଥିବା ପହେଲା ଓଡ଼ିଆ ଭାଷା ସମ୍ମିଲନୀ ଲାଗି ୧୪ କୋଟି ୬୧ ଲାଖ୍ ୭୭ ହଜାର୍ ଟଙ୍କା ଖର୍ଚ୍ଚା ହେଇଛେ । ଓଡ଼ିଆ ଭାଷା ସାହିତ୍ୟ ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଇ ବାବ୍‌ଦେ ବିଧାନ୍‌ସଭାଥି ସୂଚ୍‌ନା ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ଉତର୍ ଉପକୂଳ ଆନ୍ଧ୍ରପ୍ରଦେଶ୍ ଆର୍ ଇତାର୍ ଆଖର୍‌ପାଖର୍ ଇଲାକା ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ଲଘୁଚାପ୍ ପ୍ରଭାବ୍‌ଥି ଆଏଜ୍‌ନୁ ରାଏଜେ ବର୍ଷା ବଢ଼୍‌ବାର୍ ସମ୍ଭାବନା ଅଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଲଘୁଚାପ୍ ଘନୀଭୂତ ହେଇକରି ଆଏବା ୨ ନୁ ୩ ଦିନ୍ ଭିତ୍‌ରେ ଅବପାତ ହେବା । ଆଏବା ୨୪ ଘଂଟା ଭିତ୍‌ରେ ଘଡ଼୍‌ଘଡ଼ି ସହେତେ ବର୍ଷା ହେବା ବଲି ୨୧ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ରାଏଜେ ନିଅଂଟିଆ ବର୍ଷା ଥିତି ଜାରି ରହିଛେ । ଗଲା ଜୁନ୍ ୧ ତାରିଖ୍‌ନୁ ଆଏଜ୍‌ତକ୍ ସ୍ୱାଭାବିକ୍ ନୁ ୧୨ ପ୍ରତିଶତ୍ କମ୍ ବର୍ଷା ହେଇଥିବାର୍ ରେକର୍ଡ଼୍ କରାଯାଇଛେ ।